# 4th Round of India-Guyana Foreign Office Consultations

November 29, 2022

## ଭାରତ-ଗାୟାନା ମଧ୍ୟରେ ଚତୁର୍ଥ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

ନଭେମ୍ବର 29, 2022

ଭାରତ ଏବଂ ଗାୟାନା ମଧ୍ୟରେ 28 ନଭେମ୍ବର 2022 ରେ ଜର୍ଜଟାଉନଠାରେ ଚତୁର୍ଥ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବାଞ୍ଚଳ) ଶ୍ରୀ ସୌରଭ କୁମାର ନେତୃତ୍ୱ ନେଇଥିବାବେଳେ ଗାୟାନା ପକ୍ଷରୁ ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ସହଯୋଗ ମନ୍ତ୍ରଣାଳୟ ଅନ୍ତର୍ଗତ ବହୁପକ୍ଷୀୟ ବ୍ୟାପାର ବିଭାଗର ନିର୍ଦ୍ଦେଶକ ତଥା ରାଷ୍ଟ୍ରଦୂତ ଜର୍ଜ ତାଲବୋଟ ନେତୃତ୍ୱ ନେଇଥିଲେ।

2. ରାଜନୈତିକ, ବାଣିଜ୍ୟ ଓ ଅର୍ଥନୈତିକ, ତୈଳ ଓ ଗ୍ୟାସ, ଖାଦ୍ୟ ସୁରକ୍ଷା, କୃଷି, ସ୍ୱାସ୍ଥ୍ୟ ଓ ଔଷଧୀୟ ସାମଗ୍ରୀ, ଆଇସିଟି, ଶିକ୍ଷା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ବିକାଶ ସହଭାଗୀତା, ଜଳବାୟୁ ପରିବର୍ତ୍ତନ ଏବଂ ସଂସ୍କୃତି ଭଳି କ୍ଷେତ୍ର ସମେତ ଦ୍ୱିପାକ୍ଷିକ ସମ୍ପର୍କର ବିସ୍ତୃତ ସମୀକ୍ଷା କରିବା ପାଇଁ ଏହି ବିଚାର ବିମର୍ଷ ଏକ ସୁଯୋଗ ପ୍ରଦାନ କରିଥିଲା। ପାରସ୍ପରିକ ଆଗ୍ରହର ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗ ଏବଂ କାରିକମ ସମେତ ବହୁପକ୍ଷୀୟ ସଂଗଠନଗୁଡିକରେ ସହଯୋଗ ଉପରେ ଉଭୟ ପକ୍ଷ ମତ ବିନିମୟ କରିଥିଲେ।

3. ସଚିବ (ପୂର୍ବାଞ୍ଚଳ) ଗାୟାନାର ରାଷ୍ଟ୍ରପତି ମାନ୍ୟବର ଡକ୍ଟର ମହମ୍ମଦ ଇରଫାନ ଅଲି, ଉପରାଷ୍ଟ୍ରପତି ମାନ୍ୟବର ଶ୍ରୀ ଭରତ ଜଗଦେଓ, ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ସହଯୋଗ ମନ୍ତ୍ରୀ ମାନ୍ୟବର ଶ୍ରୀ ହ୍ୟୁଗ୍ ଟଡ୍ ଏବଂ ଲୋକ ନିର୍ମାଣ କାର୍ଯ୍ୟ ମନ୍ତ୍ରଣାଳୟର ମନ୍ତ୍ରୀ ମାନ୍ୟବର ଶ୍ରୀ ଇନ୍ଦର ଦେଓଦତଙ୍କୁ ଭେଟିଥିଲେ। ରାଷ୍ଟ୍ରପତି ଅଲି କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସାଧାରଣ ଐତିହ୍ୟ ଓ ମୂଲ୍ୟବୋଧ ଉପରେ ଆଧାରିତ।  ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଗାୟାନା ଦ୍ରୁତ ଅଭିବୃଦ୍ଧି ଓ ବିକାଶ ପାଇଁ ପ୍ରସ୍ତୁତ ବୋଲି କହିଥିଲେ।  ତୈଳ ଓ ଗ୍ୟାସ, ଭିତ୍ତିଭୂମି ପ୍ରକଳ୍ପ, ପ୍ରତିରକ୍ଷା ସହଯୋଗ, ଦକ୍ଷତା ବିକାଶ ଏବଂ ଗାୟାନାର କୁଶଳୀ ମାନବସମ୍ବଳର ଆବଶ୍ୟକତା ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବିଷୟରେ ଉଭୟ ପକ୍ଷ ଆଲୋଚନା କରିଥିଲେ। ସଚିବ (ପୂର୍ବାଞ୍ଚଳ) ରାଷ୍ଟ୍ରପତି ଅଲିଙ୍କୁ 17 ତମ ପ୍ରବାସୀ ଭାରତୀୟ ଦିବସ ସମ୍ବନ୍ଧୀୟ ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ ଯେଉଁଥିରେ ସେ ଭାରତର ପ୍ରଧାନମନ୍ତ୍ରୀଙ୍କ ଆମନ୍ତ୍ରଣକ୍ରମେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ।

4. ସଚିବ (ପୂର୍ବାଞ୍ଚଳ) ଜର୍ଜଟାଉନ ସ୍ଥିତ କାରିକମର ମୁଖ୍ୟାଳୟରେ ଏହାର ଉପମହାସଚିବ ମାନ୍ୟବର ଡକ୍ଟର ଆର୍ମଷ୍ଟ୍ରଙ୍ଗ୍ ଆଲେକ୍ସିସଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଭାରତ-କାରିକମ ସମ୍ପର୍କର ସାମ୍ପ୍ରତିକ ଗତିଶୀଳତାକୁ ଉଭୟ ପକ୍ଷ ସ୍ୱାଗତ କରିଥିଲେ ଏବଂ ଏହାକୁ ଆହୁରି ମଜବୁତ କରିବା ଦିଗରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

5. ଉଭୟ ପକ୍ଷ ପାରସ୍ପରିକ ସୁବିଧାଜନକ ତାରିଖରେ ନୂଆଦିଲ୍ଲୀରେ ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷ ଆୟୋଜନ କରିବାକୁ ସହମତ ହୋଇଥିଲେ।

**ଜର୍ଜଟାଉନ**

**ନଭେମ୍ବର 28, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.